ସାହାଣ ମେଳା
SAHANA MELA
୦୧ ଜୁନ୍ ୨୦୧୯ ଶନିବାର, ଭୁବନେଶ୍ୱର

# ଆଇସିଏଆଇର ନୂତନ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର,୩୧।୦୫ (ସା.ପ୍ର): ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଂଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)- ଭୁବନେଶ୍ୱର ଚାପ୍ଟରର ୨୦୧୯-୨୩ ବର୍ଷ ପାଇଁ ନୂତନ ପରିଚାଳନା କର୍ମକର୍ତ୍ତା ନିର୍ବାଚନ ଶୃଙ୍ଖଳାର ସହିତ ସମାପନ ହୋଇଯାଇଅଛି। ଉକ୍ତ ନିର୍ବାଚନରେ ସମୁଦାୟ ୩୫୭ ଜଣ ସି.ଏମ୍.ଏ. ସଦସ୍ୟମାନେ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ନିର୍ବାଚନ ସମାପନ ପରେ ନବ ନିର୍ବାଚିତ ପରିଚାଳନା କର୍ମକର୍ତ୍ତାମାନେ ପ୍ରଥମ ବୈଠକରେ ଅଧ୍ୟକ୍ଷ ଭାବେ ସିଏମ୍‌ଏ ଶକ୍ତିଧର ସିଂହ, ଉପାଧ୍ୟକ୍ଷ ଭାବେ ସିଏମ୍‌ଏ ତାପସ ରଞ୍ଜନ ସ୍ୱାଇଁ, ସମ୍ପାଦକ ଭାବେ ସିଏମ୍‌ଏ ହିମୋଜ ମିଶ୍ର, କୋଷାଧ୍ୟକ୍ଷ ଭାବେ ସିଏମ୍‌ଏ ପ୍ରଣବ କୁମାର ବେହେରାଙ୍କୁ ଚୟନ କରିଅଛନ୍ତି। ଅନ୍ୟ ନୂତନ ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ସିଏମ୍‌ଏ ଶାନ୍ତନୁ କୁମାର ରାଉତ, ସିଏମ୍‌ଏ ଆଶୁତୋଷ ଦେବତା, ସିଏମ୍‌ଏ ମୁକେଶ ଚୌବେ, ସିଏମ୍‌ଏ ଅଜୟ କୁମାର ସାମଲ, ଓ ସିଏମ୍‌ଏ ସୂର୍ଯ୍ୟ ନାରାୟଣ ତ୍ରିପାଠୀ।

Scanned by CamScanner